# NATIONAL NEWS BULLETIN (ODIA)

**10 March - 2026**

**Mid Bulletin : 1.50 p.m.**

---

## ମୁଖ୍ୟ ସମ୍ବାଦ

- ପଶ୍ଚିମ ଏସିଆରେ ସୃଷ୍ଟ ପରିସ୍ଥିତିକୁ ଦୃଷ୍ଟିରେ ରଖି ପ୍ରାକୃତିକ ଗ୍ୟାସ୍ ଉତ୍ପାଦନ, ଯୋଗାଣ ଓ ଆବଣ୍ଟନ ଉପରେ ଅତ୍ୟାବଶ୍ୟକ ସାମଗ୍ରୀ ଆଇନ୍ ଲାଗୁକଲେ କେନ୍ଦ୍ର ସରକାର ।

- ୧୦ବର୍ଷ ମଧ୍ୟରେ ଦେଶରେ ଖାଦ୍ୟଶସ୍ୟ ଉତ୍ପାଦନ ପରିମାଣ ୪୪ ପ୍ରତିଶତ ବୃଦ୍ଧି ପାଇଥିବା ନେଇ ଲୋକସଭାରେ କୃଷି ଓ କୃଷକ କଲ୍ୟାଣ ମନ୍ତ୍ରୀଙ୍କ ସୂଚନା ।

- କେନ୍ଦ୍ରୀୟ ଶିଳ୍ପ ସୁରକ୍ଷା ବଳ-ସିଆଇଏସ୍ଏଫ୍ର ପ୍ରତିଷ୍ଠା ଦିବସ ଅବସରରେ ଯବାନମାନଙ୍କ ଅଦମ୍ୟ ସାହସକୁ ପ୍ରଶଂସା କଲେ ଉପରାଷ୍ଟ୍ରପତି, ପ୍ରଧାନମନ୍ତ୍ରୀ ଓ ସ୍ୱରାଷ୍ଟ୍ରମନ୍ତ୍ରୀ ।

- ନ୍ୟାୟାଳୟରେ ଦୁର୍ନୀତି ଶୀର୍ଷକ ବିଷୟ ସମ୍ବଳିତ ସାମାଜିକ ବିଜ୍ଞାନ ପୁସ୍ତକକୁ ପ୍ରତ୍ୟାହାର କଲା ଏନ୍.ସି.ଇ.ଆର୍.ଟି ।

ଏବଂ

- ଟି-୨୦ ବିଶ୍ୱକପ୍ ବିଜେତା ଭାରତୀୟ କ୍ରିକେଟ୍ ଦଳ ପାଇଁ ୧୩୧ କୋଟି ଟଙ୍କାର ପୁରସ୍କାର ରାଶି ଘୋଷଣା କଲା ବିସିସିଆଇ ।

---

## ଗେଜେଟ୍-ନ୍ୟାଚୁରାଲ ଗ୍ୟାସ୍

ପଶ୍ଚିମ ଏସିଆରେ ସୃଷ୍ଟି ହୋଇଥିବା ପରିସ୍ଥିତିକୁ ଦୃଷ୍ଟିରେ ରଖି ଭାରତ ସରକାର ପ୍ରାକୃତିକ ଗ୍ୟାସ୍ ଉତ୍ପାଦନ, ଯୋଗାଣ, ଆବଣ୍ଟନ ଏବଂ ଉପଲବ୍ଧତା ଉପରେ ଅତ୍ୟାବଶ୍ୟକ ସାମଗ୍ରୀ ଆଇନ୍ ୧୯୫୫ ଲାଗୁ କରିଛନ୍ତି । କେନ୍ଦ୍ର ପେଟ୍ରୋଲିୟମ ଓ ପ୍ରାକୃତିକ ଗ୍ୟାସ୍ ମନ୍ତ୍ରଣାଳୟର ବିଜ୍ଞପ୍ତି ଅନୁଯାୟୀ ପାଇପ୍ ଜରିଆରେ ଗ୍ୟାସ୍ ଯୋଗାଣ, କମ୍ପ୍ରେଷ୍ଟ ନ୍ୟାଚୁରାଲ ଗ୍ୟାସ୍-ସିଏନ୍‌ଜି ପରିବହନ ଏବଂ ଏଲ୍‌ପିଜି ଉତ୍ପାଦନକୁ ନିୟନ୍ତ୍ରଣ କରାଯିବ । ପୂର୍ବ ୬ମାସର ଆନୁପାତିକ ଗ୍ୟାସ୍ ବ୍ୟବହାର ଅନୁଯାୟୀ ଉତ୍ପାଦନ ଏବଂ ପରିଚାଳନା କରିବା ଲାଗି ଗେଜେଟ୍ ବିଜ୍ଞପ୍ତି ପ୍ରକାଶ ପାଇଛି ।

---

## ଏଲ୍ଏସ୍-ଶିବରାଜ ଫୁଡ ପ୍ରଡକ୍ସନ

କେନ୍ଦ୍ର କୃଷି ଓ କୃଷକ କଲ୍ୟାଣ ମନ୍ତ୍ରୀ ଶିବରାଜ ସିଂହ ଚୌହ୍ୱାନ କହିଛନ୍ତି ଗତ ୧୦ବର୍ଷ ମଧ୍ୟରେ ଦେଶରେ ଖାଦ୍ୟଶସ୍ୟ ଉତ୍ପାଦନ ୪୪ପ୍ରତିଶତ ବୃଦ୍ଧି ପାଇଛି । ଲୋକସଭାରେ ଆଜି ପ୍ରଶ୍ନକାଳରେ ଏକ ଅତିରିକ୍ତ ପ୍ରଶ୍ନର ଉତ୍ତରରେ ଶ୍ରୀ ଚୌହ୍ୱାନ କହିଛନ୍ତି ଦେଶ ୩୫୭ ମିଲିୟନ ଟନ୍ ଖାଦ୍ୟଶସ୍ୟ ଉତ୍ପାଦନ ସହ ରେକର୍ଡ କରିଛି । ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ନେତୃତ୍ୱରେ କୃଷି ଏବଂ କୃଷକମାନଙ୍କ ସଂସ୍କାର ଲାଗି ତଥା ଖାଦ୍ୟଶସ୍ୟ ଉତ୍ପାଦନ ବୃଦ୍ଧି ନିମନ୍ତେ ଅନେକ ଗୁଡ଼ିଏ ସଂସ୍କାରମୂଳକ ଯୋଜନା ପ୍ରଣୟନ କରାଯାଇଛି । ମନ୍ତ୍ରୀ କହିଛନ୍ତି ଧାନ ଉତ୍ପାଦନ କ୍ଷେତ୍ରରେ ଭାରତ ଚୀନ୍‌କୁ ଅତିକ୍ରମ କରି ଶ୍ରେଷ୍ଠ ଉତ୍ପାଦନକାରୀ ଭାବେ ସାବ୍ୟସ୍ତ ହୋଇଛି । ସେହିପରି ଡାଲିଜାତୀୟ ଶସ୍ୟ ଉତ୍ପାଦନ ୧୯

ମିଲିୟନ ଟନ୍‌ରୁ ୨୬ ମିଲିୟନ ଟନ୍‌କୁ ବୃଦ୍ଧି ପାଇଛି । ଶ୍ରୀ ଚୌହ୍ୱାନ କହିଛନ୍ତି ପ୍ରଧାନମନ୍ତ୍ରୀ ଧନଧାନ୍ୟ ଯୋଜନା ୧୦୦ଟି ଜିଲ୍ଲାରେ କାର୍ଯ୍ୟକାରୀ କରାଯିବା ପରେ ଖାଦ୍ୟଶସ୍ୟ ଉତ୍ପାଦନରେ ସନ୍ତୁଳନ ଅଣାଯାଇ ପାରିଛି ।

**V/O**

ପଶ୍ଚିମବଙ୍ଗ ସରକାର ଏହି ଯୋଜନାକୁ କାର୍ଯ୍ୟକାରୀ କରିନାହାନ୍ତି । ଶ୍ରୀ ଚୌହ୍ୱାନ କହିଛନ୍ତି ଗତବର୍ଷ କେନ୍ଦ୍ର ସରକାର କୃଷକମାନଙ୍କୁ ସାର ଆବଣ୍ଟନ କ୍ଷେତ୍ରରେ ୧ ଦଶମିକ ୮/୬ ଲକ୍ଷ କୋଟି ଟଙ୍କାର ରିହାତି ପ୍ରଦାନ କରିଛନ୍ତି ।

---

# ଭିପି-ସିଆଇଏସ୍‌ଏଫ୍

କେନ୍ଦ୍ରୀୟ ଶିଳ୍ପ ସୁରକ୍ଷା ବଳ ସିଆଇଏସ୍‌ଏଫ୍‌ର ଆଜି ପ୍ରତିଷ୍ଠା ଦିବସ ଅବସରରେ ଉପରାଷ୍ଟ୍ରପତି ସି.ପି. ରାଧାକୃଷ୍ଣନ ସମସ୍ତ ସୁରକ୍ଷା କର୍ମୀଙ୍କୁ ଶୁଭେଚ୍ଛା ଜଣାଇଛନ୍ତି । ସାମାଜିକ ଗଣମାଧ୍ୟମ ପୋଷ୍ଟରେ ଉପରାଷ୍ଟ୍ରପତି କହିଛନ୍ତି ସିଆଇଏସ୍‌ଏଫ୍‌ର ଉତ୍ସର୍ଗୀକୃତ କାର୍ଯ୍ୟ, ସମର୍ପଣ ଏବଂ ଦେଶର ଗୁରୁତ୍ୱପୂର୍ଣ୍ଣ ଭିତ୍ତିଭୂମି ଓ ପ୍ରତିଷ୍ଠାନର ସୁରକ୍ଷା ଦିଗରେ ପ୍ରତିବଦ୍ଧତା ଅତ୍ୟନ୍ତ ପ୍ରଶଂସନୀୟ ସେ କହିଛନ୍ତି ସିଆଇଏସ୍‌ଏଫ୍ ଯବାନମାନଙ୍କ ଅଦମ୍ୟ ସାହସ ଓ ଶୃଙ୍ଖଳାକୁ ଦେଶ ସମ୍ମାନ ଜଣାଉଛି ।

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ସିଆଇଏସ୍‌ଏଫ୍ ପ୍ରତିଷ୍ଠା ଦିବସ ଅବସରରେ ଯବାନମାନଙ୍କୁ ଶୁଭେଚ୍ଛା ଜ୍ଞାପନ କରିଛନ୍ତି । ସାମାଜିକ ଗଣମାଧ୍ୟମ ପୋଷ୍ଟରେ ଶ୍ରୀ ମୋଦୀ କହିଛନ୍ତି ଦେଶର ଗୁରୁତ୍ୱପୂର୍ଣ୍ଣ ଭିତ୍ତିଭୂମିର ସୁରକ୍ଷା ଦିଗରେ ସିଆଇଏସ୍‌ଏଫ୍‌ର ଭୂମିକା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ।

ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ ଶାହା ସିଆଇଏସ୍‌ଏଫ୍ ଯବାନମାନଙ୍କୁ ଏହି ଅବସରରେ ଶୁଭେଚ୍ଛା ଜଣାଇଛନ୍ତି । ସାମାଜିକ ଗଣମାଧ୍ୟମ ପୋଷ୍ଟରେ ଶ୍ରୀ ଶାହା କହିଛନ୍ତି ସିଆଇଏସ୍‌ଏଫ୍ ଯବାନମାନେ ପ୍ରକୃତ ଦେଶଭକ୍ତି ଓ ବୃତ୍ତିଗତ କାର୍ଯ୍ୟଦକ୍ଷତା ପ୍ରଦର୍ଶନ କରୁଛନ୍ତି । ଦେଶପାଇଁ ବଳିଦାନ ଦେଇଥିବା ଜବାନମାନଙ୍କ ପ୍ରତି ଶ୍ରୀ ଶାହା ଶ୍ରଦ୍ଧାସୁମନ ଅର୍ପଣ କରିଛନ୍ତି ।

# ଏସ୍‌ସି-ଆଇଟି ରୁଲ୍‌ସ

ସାମାଜିକ ଗଣମାଧ୍ୟମରେ ମିଥ୍ୟା ତଥ୍ୟ ସମ୍ପର୍କିତ ୨୦୨୩ ମସିହାର ସୂଚନା ପ୍ରଯୁକ୍ତି ବିଦ୍ୟା ସଂଶୋଧନକୁ ବମ୍ବେ ହାଇକୋର୍ଟ ନିରସ୍ତ କରିବା ନେଇ କେନ୍ଦ୍ର ସରକାରଙ୍କ ଆବେଦନର ବିଚାର କରିବା ଲାଗି ସର୍ବୋଚ୍ଚ ନ୍ୟାୟାଳୟ ସମ୍ମତି ପ୍ରକାଶ କରିଛନ୍ତି । ପ୍ରଧାନ ବିଚାରପତି ଜଷ୍ଟିସ ସୂର୍ଯ୍ୟକାନ୍ତଙ୍କ ନେତୃତ୍ୱାଧୀନ ୩ଜଣିଆ ଖଣ୍ଡପୀଠ ଏହି ମାମଲାର ମୂଳ ଆବେଦନକାରୀ ତଥା ହାସ୍ୟ ଅଭିନେତା କୁନାଲ କାମ୍‌ରା, ଏଡିଟର୍ସ ଗିଲ୍‌ଡ ଅଫ୍ ଇଣ୍ଡିଆ ଏବଂ ଭାରତୀୟ ପତ୍ରପତ୍ରିକା ସଂଘର ସମ୍ପାଦକଙ୍କୁ ନୋଟିସ ଜାରି କରିଛନ୍ତି । ତେବେ ସର୍ବୋଚ୍ଚ ନ୍ୟାୟାଳୟ ବମ୍ବେ ହାଇକୋର୍ଟଙ୍କ ୨୦୨୪ ନିର୍ଦ୍ଦେଶ ଉପରେ ରହିତାଦେଶ ଜାରି କରିବାକୁ ଅଗ୍ରାହ୍ୟ କରିଛନ୍ତି । ପ୍ରଧାନ ବିଚାରପତି ଏହି ମାମଲାର ସମ୍ପୂର୍ଣ୍ଣ ବିଚାର ଶେଷ ନହେବା ପର୍ଯ୍ୟନ୍ତ ରହିତାଦେଶ ଜାରି କରିବାକୁ ମନା କରିଛନ୍ତି ।

କେନ୍ଦ୍ର ସରକାରଙ୍କ ପକ୍ଷରୁ ସଲିସିଟର ଜେନେରାଲ ତୁଷାର ମେହେଟା କହିଛନ୍ତି ସରକାର କୌଣସି ତଥ୍ୟକୁ ସମ୍ପୂର୍ଣ୍ଣ ଭାବେ ଅବରୋଧ କରି ନ ଥିଲେ; କିନ୍ତୁ ମିଥ୍ୟା ସୂଚନାର ପ୍ରସାରଣ ରୋକିବା ନେଇ ଆଇନ୍‌ରେ ସଂଶୋଧନ କରିଥିଲେ ।

## ହୋମ୍ ମିନିଷ୍ଟର-ସାବିତ୍ରୀ

ସ୍ୱରାଷ୍ଟ୍ରମନ୍ତ୍ରୀ ଅମିତ ଶାହା ଆଜି ସାବିତ୍ରୀବାଇ ଫୁଲେଙ୍କୁ ତାଙ୍କ ଶ୍ରାଦ୍ଧବାର୍ଷିକୀରେ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଛନ୍ତି । ସାମାଜିକ ଗଣମାଧ୍ୟମ ପୋଷ୍ଟରେ ଶ୍ରୀ ଶାହା କହିଛନ୍ତି ଯେଉଁ ସମୟରେ ମହିଳା ଶିକ୍ଷାକୁ ସାମାଜିକ ସ୍ତରରେ ଗ୍ରହଣ କରାଯାଉନଥିଲା ସାବିତ୍ରୀବାଇ ସେ ସମୟରେ ମହିଳା ଶିକ୍ଷାର ପ୍ରଚାର-ପ୍ରସାର କରାଇଥିଲେ । ଶ୍ରୀ ଶାହା କହିଛନ୍ତି ସେ ଦେଶରେ ପ୍ରଥମ ବାଳିକା ବିଦ୍ୟାଳୟ ସ୍ଥାପନ କରିଥିଲେ ଏବଂ ସମସ୍ତଙ୍କ ମଧ୍ୟରେ ସମାନତା ଆଣିବା ଲାଗି ଉଦ୍ୟମ କରିଥିଲେ ।

---

## ଏନ୍‌ସିଇଆର୍‌ଟି-ବୁକ୍ ଓ୍ୱିଡ୍ରନ

ରାଷ୍ଟ୍ରୀୟ ଶୈକ୍ଷିକ ଅନୁସନ୍ଧାନ ଏବଂ ପ୍ରଶିକ୍ଷଣ ପରିଷଦ - ଏନ୍.ସି.ଇ.ଆର୍.ଟି ବିବାଦୀୟ ସାମାଜିକ ବିଜ୍ଞାନ ପୁସ୍ତକକୁ ପ୍ରତ୍ୟାହାର କରିନେଇଛି । ଗ୍ରେଡ୍-୮ ଭାଗ-୨ର ସାମାଜିକ ବିଜ୍ଞାନ ପୁସ୍ତକ ଏକ୍ସପ୍ଲୋରିଂ ସୋସାଇଟି, ଇଣ୍ଡିଆ ଆଣ୍ଡ ବିୟଣ୍ଡ ପୁସ୍ତକର 'ଦ ରୋଲ ଅଫ୍ ଜୁଡିସିଆରି ଇନ୍ ଆଓ୍ୱାର ସୋସାଇଟି' ଶୀର୍ଷକ ଚତୁର୍ଥ ଅଧ୍ୟାୟକୁ ଏନ୍.ସି.ଇ.ଆର୍.ଟି ବାଦ୍ ଦେଇଛି । ଆଜି ସକାଳେ ଏ ସମ୍ପର୍କରେ କ୍ଷମା ପ୍ରାର୍ଥନା ପୂର୍ବକ ଏହି ପୁସ୍ତକକୁ ଫେରାଇ ନିଆଯାଇଥିବା ଏବଂ ଏବେ ଏହା ଉପଲବ୍ଧ ହେବ ନାହିଁ ବୋଲି ଏନ୍.ସି.ଇ.ଆର୍.ଟି ପକ୍ଷରୁ କୁହାଯାଇଛି । ଏନ୍.ସି.ଇ.ଆର୍.ଟି ର ନିର୍ଦ୍ଦେଶକ ଏବଂ ସଦସ୍ୟମାନେ ଏଭଳି ତ୍ରୁଟି ପାଇଁ ନିସର୍ତ୍ତ କ୍ଷମାପ୍ରାର୍ଥନା କରିଛନ୍ତି ।

---

# ପିଆଇବ୍ ଫେକ୍ ଚେକ୍-ଜୟଶଙ୍କର

ସାମାଜିକ ଗଣମାଧ୍ୟମରେ ବୈଦେଶିକ ବ୍ୟାପାର ମନ୍ତ୍ରୀ ଡକ୍ଟର ଏସ୍. ଜୟଶଙ୍କରଙ୍କ ଏକ ମିଥ୍ୟା ଭିଡ଼ିଓକୁ ଭାଇରାଲ କରାଯାଉଥିବାରୁ ଏହାକୁ କେନ୍ଦ୍ର ସରକାର ଖଣ୍ଡନ କରିଛନ୍ତି । ସୂଚନା ଅନୁଯାୟୀ ସଂପୃକ୍ତ ଭାଇରାଲ ହେଉଥିବା ଭିଡ଼ିଓରେ ବୈଦେଶିକ ମନ୍ତ୍ରୀ ଶ୍ରୀ ଜୟଶଙ୍କର କହିଛନ୍ତି ଯେ ମୁସଲିମ ଦେଶଗୁଡ଼ିକ ଇସ୍ରାଏଲକୁ ହଇରାଣ କରୁଥିବା ଘଟଣାକୁ ସହ୍ୟ କରାଯିବ ନାହିଁ । ସେହି ଭିଡ଼ିଓରେ କୁହାଯାଇଛି ଇସ୍ରାଏଲ ଆଫଗାନ ତାଲିବାନକୁ ଭାରତର ଅନୁରୋଧ ପରେ ୩ ବିଲିୟନ ଡଲାର ସହାୟତା ଯୋଗାଇ ଦେଇଛି । ପତ୍ର ସୂଚନା କାର୍ଯ୍ୟାଳୟ ପିଆଇବିର ସତ୍ୟ ଅନୁସନ୍ଧାନକାରୀ ଶାଖା ପକ୍ଷରୁ ଏହି ଭିଡ଼ିଓକୁ ମିଥ୍ୟା ବୋଲି କୁହାଯିବା ସହ କୃତ୍ରିମ ବୁଦ୍ଧିମତା ବ୍ୟବହାର କରି ଲୋକମାନଙ୍କ ମଧ୍ୟରେ ଅଯଥା ବିବାଦ ସୃଷ୍ଟି କରିବା ଲାଗି ଏହି ଭିଡ଼ିଓ ପ୍ରସ୍ତୁତ କରାଯାଇଥିବା ସୂଚନା ଦିଆଯାଇଛି । ପିଆଇବି କହିଛି ବୈଦେଶିକ ବ୍ୟାପାର ମନ୍ତ୍ରୀ ଡକ୍ଟର ଏସ୍. ଜୟଶଙ୍କର ଏଭଳି କୌଣସି ମନ୍ତବ୍ୟ ଦେଇନାହାନ୍ତି ।

---

# ଆର୍‌ଏସ୍-ସର୍ଭାଇକାଲ କ୍ୟାନସର

ଦେଶରେ ଆଜିସୁଦ୍ଧା ୮ କୋଟି ୭୩ଲକ୍ଷ ମହିଳା ଜରାୟୁ ଗ୍ରୀବା କର୍କଟରେ ପୀଡିତ ହୋଇଥିବା ଜଣାପଡିଛି । ରାଜ୍ୟସଭାରେ ଆଜି ଏକ ଲିଖିତ ଉତ୍ତରରେ କେନ୍ଦ୍ର ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ରାଷ୍ଟ୍ରମନ୍ତ୍ରୀ ପ୍ରତାପ ରାଓ ଯାଦବ କହିଛନ୍ତି ଦେଶବ୍ୟାପୀ ସରକାରୀ ସ୍ୱାସ୍ଥ୍ୟକେନ୍ଦ୍ର ଗୁଡ଼ିକରେ ଜରାୟୁ ଗ୍ରୀବା କର୍କଟ ପ୍ରତିରୋଧି ଏଚ୍.ପି.ଭି ଟୀକାକରଣ କରାଯାଉଛି । ୧୪ବର୍ଷର କିଶୋରୀମାନଙ୍କୁ ଟୀକାକରଣ କରାଯାଉଥିବା ମନ୍ତ୍ରୀ ଗୃହରେ ପ୍ରକାଶ କରିଛନ୍ତି ।

---

# ଏଲ୍ଏସ୍-ରିଜୋଲେସନ

ଲୋକସଭା ବାଚସ୍ପତି ଓମ୍ ବିର୍ଲାଙ୍କ ବିରୋଧରେ ଆଗତ ଅନାସ୍ଥା ନୋଟିସ ଆଲୋଚନା ପାଇଁ ଗ୍ରହଣ କରାଯାଇଛି । ଲୋକସଭା ପ୍ରଥମ ମୁଲତବୀ ପରେ ପୂର୍ବାହ୍ନ ୧୨ଟାରେ ପୁର୍ନବାର ସମ୍ମିଳିତ ହେବା ପରେ କଂଗ୍ରେସ ସାଂସଦ ଡକ୍ଟର ମହମ୍ମଦ ଜାଓ୍ୱେଦେ ଏହି ପ୍ରସ୍ତାବ ଆଗତ କରିଥିଲେ । ଗୃହରେ ଅଧ୍ୟକ୍ଷତା କରୁଥିବା ଜଗଦମ୍ବିକା ପାଲ୍ ଏହି ବିଷୟରେ ଆଲୋଚନା ପାଇଁ ୧୦ଘଣ୍ଟା ସମୟ ନିର୍ଦ୍ଧାରିତ କରିଥିବା ଜଣାପଡିଛି ।

---

# ଡବ୍ଲ୍ୟୁବି-ଇସିଆଇ

ଭାରତୀୟ ନିର୍ବାଚନ ଆୟୋଗ ଆଜି ସକାଳେ କୋଲକାତାରେ ନିର୍ବାଚନ ପ୍ରସ୍ତୁତି ନେଇ ରାଜ୍ୟ ମୁଖ୍ୟ ନିର୍ବାଚନ ଅଧିକାରୀ, ନୋଡାଲ ଅଧିକାରୀ ଓ ସୁରକ୍ଷାବଳ ସହ ଆଲୋଚନା କରିଛନ୍ତି । ଏବେ କମିଶନ ପକ୍ଷରୁ ମୁଖ୍ୟ ଶାସନ ସଚିବ, ପୋଲିସ ମହାନିର୍ଦ୍ଦେଶକ ଏବଂ ପଶ୍ଚିମବଙ୍ଗ ସରକାରଙ୍କ ବରିଷ୍ଠ ଅଧିକାରୀମାନଙ୍କ ସହ ଆଲୋଚନା ଜାରି ରହିଛି । ଆଜି କମିଶନ ବୁଥ୍ସ୍ତରୀୟ ଅଧିକାରୀମାନଙ୍କ ସହ ଆଲୋଚନା କରିବା ପରେ ଗଣମାଧ୍ୟମକୁ ସୂଚନା ପ୍ରଦାନ କରିବେ ।

ଗତ ରବିବାର ସଂଧ୍ୟାରେ ମୁଖ୍ୟ ନିର୍ବାଚନ ଆୟୋଗ ଜ୍ଞାନେଶ କୁମାର ଅନ୍ୟ ସଦସ୍ୟଙ୍କ ସହ ପଶ୍ଚିମବଙ୍ଗରେ ବିଧାନସଭା ନିର୍ବାଚନ ପ୍ରସ୍ତୁତି ସମୀକ୍ଷା ଲାଗି କୋଲକାତାରେ ପହଞ୍ଚିଥିଲେ । ଗତକାଲି କମିଶନ ବିଭିନ୍ନ ପଞ୍ଜିକୃତ ଜାତୀୟ ଓ ଆଞ୍ଚଳିକ ରାଜନୈତିକ ଦଳଗୁଡ଼ିକ ସହ ଆଲୋଚନା କରିଥିଲେ । ପରେ କମିଶନ କହିଛନ୍ତି ଯେ ସ୍ୱତନ୍ତ୍ର ସଘନ ଭୋଟର ତାଲିକା ସଂଶୋଧନର ଉଦ୍ଦେଶ୍ୟ ହେଉଛି ଯେଭଳି କୌଣସି ଯୋଗ୍ୟ

ଭୋଟର ବାଦ୍ ନ ପଡିବେ । କମିଶନଙ୍କ ସୂଚନା ଅନୁଯାୟୀ ଭୋଟର ତାଲିକାରେ ନାମ ଯୋଡ଼ିବା ଏବଂ ବାଦ୍ ଦେବା ପ୍ରକ୍ରିୟା ଏବେମଧ୍ଯ ଜାରି ରହିଛି ।

## ବିସିସିଆଇ-ଆୱାର୍ଡ

ଭାରତୀୟ କ୍ରିକେଟ କଣ୍ଟ୍ରୋଲ ବୋର୍ଡ ବିସିସିଆଇ ଭାରତୀୟ କ୍ରିକେଟ୍ ଟିମ୍‌ର ସଦସ୍ୟମାନଙ୍କ ପାଇଁ ୧୩୧ କୋଟି ଟଙ୍କାର ପୁରସ୍କାର ରାଶି ଘୋଷଣା କରିଛି । ଆଇସିସି ପୁରୁଷ ଟି-୨୦ ବିଶ୍ୱକପ୍ ଚମ୍ପିୟାନ ହେବା ପରେ ବିସିସିଆଇ ପକ୍ଷରୁ ଏହି ଘୋଷଣା କରାଯାଇଛି । ବିସିସିଆଇ ସଚିବ ଦେବଜିତ ସାଇକିଆ କହିଛନ୍ତି ଏହି ଅର୍ଥରାଶି ୧୫ଜଣ ଖେଳାଳି, ପ୍ରଶିକ୍ଷଣ କର୍ମକର୍ତ୍ତା ଏବଂ ଅନ୍ୟାନ୍ୟ ସହାୟକ କର୍ମଚାରୀଙ୍କୁ ପ୍ରଦାନ କରାଯିବ ।

## ଜେକେ-ପାକ୍ ଡ୍ରୋନ୍

ଜାମ୍ମୁ-କାଶ୍ମୀରର ସାମ୍ବା ଜିଲ୍ଲା ନିକଟବର୍ତ୍ତୀ ଆନ୍ତର୍ଜାତିକ ସୀମାରେଖା ନିକଟରେ ଏକ ପାକିସ୍ତାନୀ ଡ୍ରୋନ୍ ସନ୍ଦେହଜନକ ଭାବେ ପ୍ରବେଶ କରିଥିବାରୁ ସୁରକ୍ଷା ବଳ ପକ୍ଷରୁ ତଲାସୀ ଅଭିଯାନ ଆରମ୍ଭ କରାଯାଇଛି । ଆମ ସମ୍ବାଦଦାତା ଜଣାଇଛନ୍ତି ଡାବହୋ ଅଞ୍ଚଳରେ ଶତ୍ରୁପକ୍ଷର ଡ୍ରୋନ୍ ଠାବ କରାଯାଇଥିବା ନେଇ ଗତକାଲି ବିଳମ୍ବିତ ରାତିରେ ସୂଚନା ମିଳିବା ପରେ ଅଧିକ ସଂଖ୍ୟାରେ ସୁରକ୍ଷାବଳ ମୁତୟନ କରାଯିବା ସହ ତଲାସୀ ଅଭିଯାନ ଆରମ୍ଭ କରାଯାଇଥିଲା । ସଂପୃକ୍ତ ଡ୍ରୋନ୍‌ରୁ ଯେଭଳି ନିଶାଦ୍ରବ୍ୟ କିମ୍ବା ଅସ୍ତ୍ରଶସ୍ତ୍ର ନିକ୍ଷେପ କରାନଯାଇପାରିବ ସେ ନେଇ ସୁରକ୍ଷାବଳ ଗୁଡ଼ିକ ତଲାସୀ ଅଭିଯାନକୁ ଜୋର୍‌ଦାର କରିଛନ୍ତି । ସେନା, ପୋଲିସ ଏବଂ ସୀମା

ସୁରକ୍ଷାବଳ ପକ୍ଷରୁ ଭାଇନଲାହ, ଲାଲାଛକ ଏବଂ ମାଲାନି ଅଞ୍ଚଳରେ ତଲାସୀ ଅଭିଯାନ ଜାରି ରହିଛି ।

..........................................................................................